# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 April - 2025

### News Editor : Tapan Kumar Maharana

*************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀକୁ ଆଜିଠାରୁ ଚାରିଦିନିଆ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

— ଶିଳ୍ପ ସମ୍ଭାବନାକୁ ଦୃଷ୍ଟିରେ ରଖି ଆସନ୍ତା ମଙ୍ଗଳବାର ଦିନ ଶିଳ୍ପଦ୍ୟୋଗୀଙ୍କ ସହ କରିବେ ଆଲୋଚନା

- ରାଜ୍ୟରେ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି ଶ୍ରୀରାମନବମୀ

— ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଅନୁଷ୍ଠିତ ହେବ ଜନ୍ମନୀତି

- ସମ୍ବଲପୁରଠାରେ ପୁଲିସ୍ ବିଭାଗର ୧୫ଟି ସ୍ୱତନ୍ତ୍ର ପାଟ୍ରୋଲିଂ ଗାଡିର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏବଂ

- ଓଡ଼ିଆ ପକ୍ଷର ଷଷ୍ଠ ଦିବସ ପାଳନ ଅବସରରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳିଗୁଡ଼ିକରେ ଚାଲିଛି ସ୍ୱଚ୍ଛତା ଅଭିଯାନ

## ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଚାରିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବେ। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କର ଏକାଧିକ ସରକାରୀ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ରାଜ୍ୟର ଶିଳ୍ପ ସମ୍ଭାବନାକୁ ନେଇ ମୁଖ୍ୟମନ୍ତ୍ରୀ ଆସନ୍ତା ମଙ୍ଗଳବାର ଦିନ ଦିଲ୍ଲୀରେ ଶିଳ୍ପଦ୍ୟୋଗୀଙ୍କ ସହ ଆଲୋଚନା କରିବେ। ଏହି ଅବସରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ପାରାଦ୍ୱୀପରେ ନାପ୍ଥା କ୍ରାକର ପ୍ରକଳ୍ପ ପାଇଁ ଆଇ.ଓ.ସି.ଏଲ୍ ସହ ମଧ୍ୟ ଏକ ବୁଝାମଣାପାତ୍ର ସ୍ୱାକ୍ଷରିତ ହେବ। ଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ସଦସ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ। ଆସନ୍ତା ବୁଧବାର ଦିନ ମୁଖ୍ୟମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବେ।

## ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଚାରିଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କର ଏକାଧିକ ସରକାରୀ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ରାଜ୍ୟର ଶିଳ୍ପ ସମ୍ଭାବନାକୁ ନେଇ ମୁଖ୍ୟମନ୍ତ୍ରୀ ଆସନ୍ତା ମଙ୍ଗଳବାର ଦିନ ଦିଲ୍ଲୀରେ ଶିଳ୍ପଦ୍ୟୋଗୀଙ୍କ ସହ ଆଲୋଚନା କରିବେ। ଏହି ଅବସରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କରିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ପାରାଦ୍ୱୀପରେ ନାପ୍ଥା

କ୍ରାକର ପ୍ରକଳ୍ପ ପାଇଁ ଆଇ.ଓ.ସି.ଏଲ୍ ସହ ମଧ୍ୟ ଏକ ବୁଝାମଣାପାତ୍ର ସ୍ୱାକ୍ଷରିତ ହେବ। ଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ସଦସ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ। ଆସନ୍ତା ବୁଧବାର ଦିନ ମୁଖ୍ୟମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବେ।

## ପବିତ୍ର ଶ୍ରୀରାମନବମୀ-ଜିଲ୍ଲା

ପବିତ୍ର ଶ୍ରୀରାମନବମୀ ଆଜି ଅତ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି । ନବରାତ୍ରର ଶେଷଦିନ ତଥା ଚୈତ୍ରମାସ ଶୁକ୍ଳ ନବମୀରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଜନ୍ମଦିନ ପାଳନ କରାଯାଇଥାଏ। ଏହି ଅବସରରେ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ନୀତିକାନ୍ତି ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

## ପବିତ୍ର ଶ୍ରୀରାମନବମୀ-ଶୁଭେଚ୍ଛା

ପବିତ୍ର ଶ୍ରୀରାମନବମୀ ଅବସରରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର ଜୀବନାଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଶ୍ରୀରାମନବମୀ ଅବସର ସମସ୍ତଙ୍କ ଜୀବନରେ ନୂତନ ଚେତନା, ନୂତନ ଉତ୍ସାହ, ଏକ ସଶକ୍ତ, ସମୃଦ୍ଧ ଏବଂ ସକ୍ଷମ ଭାରତର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରୁ ବୋଲି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ କହିଛନ୍ତି।

ରାମନବମୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାଂସ୍କୃତିକ ଚେତନା ଓ ଜାତୀୟ ଆତ୍ମଗୌରବର ପୁନର୍ଜାଗରଣ ଅଟେ ବୋଲି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି। ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଜନ୍ମନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତନୀତି ସମୟରେ ଗର୍ଭଗୃହର ଜୟ ବିଜୟ ଦ୍ୱାରକୁ ବନ୍ଦ ରଖାଯିବ। ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀରାମନବମୀ ଅବସରରେ ଆଜିଠାରୁ ରଥକାଠ ଚିରଟ ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀଜିଉଙ୍କ ଆଜ୍ଞାମାଳ ସହ ମହାପ୍ରସାଦ ନେଇ ଏକ ସ୍ୱତନ୍ତ୍ର ଦଳ କଟକ ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ରଥକାଟ ଚିରଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଅକ୍ଷୟ ତୃତୀୟ ଦିନ ବିଧି ଅନୁଯାୟୀ ରଥ ନିର୍ମାଣ ଅନୁକୂଳ ହେବ।

**ସୁବର୍ଣ୍ଣପୁର** ଜିଲ୍ଲାର ରାମମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନେ ପାରମ୍ପରିକ ପୂଜାର୍ଚ୍ଚନା କରିବା ସହ ରାମାୟଣ ସପ୍ତାହ ପାଠ ଆରମ୍ଭ ହୋଇଛି। ବୀରମହାରାଜପୁର, ଉଲୁଣ୍ଡା, ତରଭା, ବିନିକା ଓ ଡୁଙ୍ଗୁରୀପାଲି ଅଞ୍ଚଳର ଅନେକ ଗାଁର ରାମଲୀଳା ମଣ୍ଡପରେ ଆସନ୍ତାକାଲିଠାରୁ ଗ୍ରାମୀଣ କଳାକାରଙ୍କ ଦ୍ୱାରା ରାମଲୀଳା ନାଟକ ମଞ୍ଚସ୍ଥ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

**ନୟାଗଡ଼** ଜିଲ୍ଲା ଓଡ଼ଗାଁସ୍ଥିତ ଶ୍ରୀରଘୁନାଥଜୀଉଙ୍କ ପୀଠରେ ସ୍ୱତନ୍ତ୍ର ପୂଜାନୀତି ସହ ଶ୍ରୀରାମଚନ୍ଦ୍ରଙ୍କୁ ଜନ୍ମନାରାୟଣ ବେଶରେ ସୁସଜ୍ଜିତ କରାଯାଇଛି । ଭାପୁର ବ୍ଲକ୍ ଫତେଗଡ଼ର ଶ୍ରୀରାମ ମନ୍ଦିର, ଗଣିଆ, ଦଶପଲ୍ଲାର ରାମମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି କରାଯିବା ସହ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିବା ଜଣାପଡିଛି ।

## ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରକୁ ଦିନିକିଆ ଗସ୍ତରେ ଯାଇ ସମଲେଶ୍ୱରୀ ମନ୍ଦିରଠାରେ ପୁଲିସ୍ ବିଭାଗର ୧୫ଟି ସ୍ୱତନ୍ତ୍ର ପାଟ୍ରୋଲିଂ ଗାଡିର ଶୁଭାରମ୍ଭ କରିଛନ୍ତି । ସହରାଞ୍ଚଳ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସହରାଞ୍ଚଳରେ ୧୨ଟି ପିସିଆର ଓ ଗ୍ରାମାଞ୍ଚଳ ଥାନାରେ ୩ଟି ପିସିଆର ନିୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଉତ୍ତରାଞ୍ଚଳ ଆରଡିସି, ଉତ୍ତରାଞ୍ଚଳ ପୁଲିସ୍ ଆଇ.ଜି., ସମ୍ବଲପୁର ଜିଲ୍ଲାପାଳ, ମହାନଗର ନିଗମ କମିଶନର, ସମ୍ବଲପୁର ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ-୨୦୨୫ର ଷଷ୍ଠ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ଲକ୍ଷ୍ୟ ନେଇ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପୌର ପରିଷଦ ଓ ସ୍ୱଚ୍ଛ ଭାରତ ସଂଗଠନର ମିଳିତ ସହଯୋଗରେ ସୁବର୍ଣ୍ଣମେରୁ ଓ ରାମେଶ୍ୱର ମନ୍ଦିର ସମେତ ମହାନଦୀର ସ୍ୱର୍ଣ୍ଣପ୍ରୟାଗ ଘାଟ ସଫା କରାଯାଇଥିଲା । ସ୍ୱଚ୍ଛ ଭାରତ ଅଭିଯାନକୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହ ଦେବସ୍ଥଳିର ଅଳିଆ ଆବର୍ଜନାକୁ ସଫା କରି ସ୍ୱଚ୍ଛ ଭାରତ-ସ୍ୱଚ୍ଛ ସୁବର୍ଣ୍ଣପୁରର ବାର୍ତ୍ତା ଦିଆଯାଇଥିଲା ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଜିଲ୍ଲାର ବିଭିନ୍ନ ମନ୍ଦିରରେ ସଫେଇ କାର୍ଯ୍ୟ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ରାଜଘାଟସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର, ଗାନ୍ଧି ପଡିଆ ସମେତ ପ୍ରମୁଖ ଦେବାଳୟରେ ସଫେଇ କାର୍ଯ୍ୟ କରିଥିଲେ । ଐତିହ୍ୟ  ସଂସ୍କୃତିକୁ ବଜାୟ ରଖି ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

**ନବରଙ୍ଗପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କ୍ରମରେ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳିଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ସହର ମଧ୍ୟରେ ଥିବା ସବୁ ମନ୍ଦିର ଐତିହ୍ୟସ୍ଥଳିର ସଫେଇ କରାଯାଇଥିଲା ।

ଏ ସମ୍ପର୍କରେ ସୂଚନା ଦେଇ ବ୍ଲକ୍ ଉନ୍ନୟନ ଅଧିକାରୀ ସୁନୀଲ ଖରା କହିଛନ୍ତି.....

**-V/O-***(BDO- Sunil Khara)*

ଓଡ଼ିଆ ପକ୍ଷ ପାଳନ ଅବସରରେ **ଗଞ୍ଜାମ** ଜିଲ୍ଲାର ହାତୀଓଟଗ୍ରାମ, ମୁକ୍ତେଶ୍ୱର ମନ୍ଦିର ପରିସର ଓ ଦିଗପହଣ୍ଡି ବ୍ଲକର ଖମାରୀ ଗ୍ରାମପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ରାୟଗଡ଼ା** ପୌରପରିଷଦ ଆନୁକୂଲ୍ୟରେ ମା' ମଝିଘରିଆଣୀ ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଉଛି।

## ବିଜେପି ପ୍ରତିଷ୍ଠା ଦିବସ

ଭାରତୀୟ ଜନତା ପାର୍ଟିର ୪୫ତମ ପ୍ରତିଷ୍ଠା ଦିବସ ଆଜି ଓ ଆସନ୍ତାକାଲି ଦୁଇଦିନ ପାଳନ କରାଯାଉଛି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଅବସରରେ ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଆଜିର ଦିନ ଦଳ ସହ ଜଡିତ ଥିବା ସମସ୍ତ କର୍ମକର୍ତ୍ତାଙ୍କ ଭାରତର ପ୍ରଗତି ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ **ଜଗତ୍‌ପ୍ରକାଶ ନଡ୍ଡା** ଦଳୀୟ କର୍ମୀଙ୍କର ମନୋବଳ, କଠୋର ପରିଶ୍ରମ, ସଂଘର୍ଷ ଏବଂ ତ୍ୟାଗପାଇଁ ଧନ୍ୟବାଦ ଜଣାଇଛନ୍ତି। ବିକଶିତ ଭାରତ ଗଠନରେ ଦଳୀୟ କର୍ମୀଙ୍କର ଅତୁଳନୀୟ ଅବଦାନ ହେତୁ ଆଜିର ଦିବସ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲାର ସାହସପୁରଠାରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ **କନକ ବର୍ଦ୍ଧନ ସିଂହଦେଓ** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରାଜଖମାରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନବରଙ୍ଗପୁର** ଜିଲ୍ଲାର ଉମରକୋଟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପର୍ଯ୍ୟଟକ

କୋରାପୁଟ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ପ୍ରଗତୀ ହାସଲ କରିବା ସହ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ପର୍ଯ୍ୟଟକଙ୍କ ପାଇଁ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି ବୋଲି ଜିଲ୍ଲାପାଳ ଭି.କିର୍ତ୍ତିଭାସନ କହିଛନ୍ତି। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ସୁଯୋଗ ସମ୍ପର୍କରେ କାରିଗରମାନଙ୍କୁ ସଚେତନ କରିବା ପାଇଁ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାପାଳ ଏହା କହିଛନ୍ତି। ଜିଲ୍ଲାର ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ଜିଲ୍ଲାପାଳ କହିଛନ୍ତି, ପର୍ଯ୍ୟଟକଙ୍କ ଚାହିଦା ପୂରଣ କରିବା ପାଇଁ ପାରମ୍ପରିକ ଉତ୍ପାଦରେ ମୂଲ୍ୟ ଯୋଡ଼ିବାର ଗୁରୁତ୍ୱ ଦିଆଯାଉଛି। କାରିଗରଙ୍କ ଉନ୍ନତି ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ସହାୟତା ଯୋଗାଇ ଦେବ ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଲାଭ କାରିଗରମାନେ ଉଠାଇବା ପାଇଁ ସେ କହିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୦୦ ରୁ ଅଧିକ କାରିଗର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଯୋଗଦିବସ - ପ୍ରସ୍ତୁତି ବୈଠକ

ଅନ୍ତର୍ଜାତୀୟ ଯୋଗଦିବସ ପାଳନର ପ୍ରସ୍ତୁତି ନେଇ ଆଜି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଯୁଗ୍ମ ସଚିବ ମୋନାଲିସା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଆସୁଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ 'ଗୋଟିଏ ପୃଥିବୀ ଓ ସ୍ୱାସ୍ଥ୍ୟ ପାଇଁ ଯୋଗ' ଘୋଷଣା କରିଥିଲେ।

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

******************************